# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 25 August – 2026

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରି ଓଡିଶାର ସାମଗ୍ରିକ ବିକାଶ ନେଇ ଆଲୋଚନା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା
- ରାଜ୍ୟର ବିକାଶ ପାଇଁ ଆର୍ଥିକ ଅଭିବୃଦ୍ଧି ସହ ଯୁବପିଢିଙ୍କ ସକ୍ରିୟ ଯୋଗଦାନର ଆବଶ୍ୟକତା ରହିଛି କହିଲେ ରାଜ୍ୟପାଳ
- ରାଜ୍ୟରେ ସାର ଯୋଗାଣ ସ୍ୱାଭାବିକ ଥିବା  ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

ଏବଂ

- ଲଘୁଚାପ ପ୍ରଭାବରେ ସୁନ୍ଦରଗଡ, ଝାରସୁଗୁଡା, ବରଗଡ ଓ ସମ୍ବଲପୁର ଜିଲ୍ଲାରେ  ପ୍ରବଳ ବର୍ଷା ସମ୍ଭାବନା

***Desk***

# ପିଏମ୍-ଉପମୁଖ୍ୟମନ୍ତ୍ରୀ

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ରାଜ୍ୟର ସାମଗ୍ରିକ ବିକାଶ, ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ, ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ଏବଂ ବିଭିନ୍ନ ପର୍ଯ୍ୟଟନ ବିକାଶ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟ ସରକାର ବିକଶିତ ଓଡିଶା-୨୦୩୬'ର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରୁଛନ୍ତି । ଓଡିଶାର ବିଶାଳ ପର୍ଯ୍ୟଟନ ସମ୍ଭାବନାକୁ ନୂତନ ପରିଚୟ ପ୍ରଦାନ, ମହିଳାଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡିକୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ସହ ବିସ୍ତୃତ ଆଲେଚନା ହୋଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ନୂତନ ଆତ୍ମ ବିଶ୍ୱାସ ଓ ସଂକଳ୍ପ ସହିତ ଆଗକୁ ବଢୁଛି ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

***I &PR***

# ରାଜ୍ୟପାଳ-କର୍ମଶାଳା

ବିକଶିତ ଓଡିଶାକୁ କେବଳ ଆର୍ଥିକ ଅଭିବୃଦ୍ଧି ଓ ଭିତ୍ତିଭୂମି ଦ୍ୱାରା ନୁହେଁ, ଶିକ୍ଷାର ଗୁଣବତ୍ତା, ଗୋଷ୍ଠୀ, ସ୍ଥାୟିତ୍ୱତା, ନାଗରିକଙ୍କ ସ୍ୱାସ୍ଥ୍ୟ ଓ

ଯୁବପିଢିଙ୍କ ସକ୍ରିୟ ଯୋଗଦାନ ମାଧ୍ୟମରେ ଆଗେଇ ନେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱରରେ ଏକ କର୍ମଶାଳାରେ ଯୋଗଦେଇ ରାଜ୍ୟପାଳ ଓଡିଶାର ଭବିଷ୍ୟତ ନିର୍ମାଣ ପାଇଁ ସମସ୍ତଙ୍କ ମିଳିତପ୍ରୟାସ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଯୁବପିଢିଙ୍କୁ କେବଳ ଚାକିରି ଖୋଜିବା ନୁହେଁ, ଚାକିରି ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରାଯିବା ଆବଶ୍ୟକ । ମହିଳାମାନଙ୍କ ପାଇଁ ଶିକ୍ଷା, ପ୍ରଯୁକ୍ତି, ଅର୍ଥ, ସମ୍ପତ୍ତି, ଉଦ୍ୟମିତା ଓ ନେତୃତ୍ୱ ସୁଯୋଗ ବୃଦ୍ଧି କରିବାକୁ ହେବ ବୋଲି ରାଜ୍ୟପାଳ କହିଛନ୍ତି ।

***Desk***

# ମୁଖ୍ୟମନ୍ତ୍ରୀ କର୍କଟ କେୟାର୍ ଯୋଜନା

ଆୟୁଷ୍ମାନ ଯୋଜନା ଅଧୀନରେ ୯୧ଟି ନୂତନ କର୍କଟ ଚିକିତ୍ସା ପ୍ୟାକେଜ୍ ସାମିଲ୍ କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଏଥିସହ ୩୧୧ କୋଟି ବ୍ୟୟ ବରାଦରେ ମୁଖ୍ୟମନ୍ତ୍ରୀ କ୍ୟାନ୍ସର କେୟାର୍ ଯୋଜନା ଆରମ୍ଭ କରାଯାଇଛି । କଟକ ସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଗସ୍ତ କରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ' ସ୍ୱାସ୍ଥ୍ୟ ବ୍ୟବସ୍ଥାର ତଦାରଖ କରିଛନ୍ତି । ଏହି ଅବସରରେ ସେ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା

କରିଛନ୍ତି । ରୋଗୀମାନେ ଯେଭଳି ତୃଣମୂଳ ସ୍ତରରେ ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇପାରିବେ, ସେନେଇ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

***Desk***

# ମୌସୁମୀ ଅଧିବେଶନ

ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ମାସ ୨୨ ତାରିଖରୁ ଆରମ୍ଭ ହେବ । ଅଧିବେଶନ କାଳରେ ୯ଟି କାର୍ଯ୍ୟଦିବସ ରହିବା ସହ ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ । ଗୋଟିଏ ଛୁଟିଦିନ ରହିଥିବାବେଳେ ଦୁଇଟି ଦିନ ବିଧାନସଭାରେ କୌଣସି ବୈଠକ ହେବ ନାହିଁ । ଏହି ଅଧିବେଶନ ଅକ୍ଟୋବର ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Ganjam***

# ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଗୁରୁବାର ଦିନ ଗଞ୍ଜାମ ଜିଲ୍ଲା ଗୋପାଳପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ଆଜି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଧବଳେଶ୍ୱର ମନ୍ଦିର ପରିସର ଏବଂ ଗୋପାଳପୁରସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜରେ ପ୍ରସ୍ତୁତି ଓ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଗୋପାଳପୁର ଗସ୍ତକୁ ସଫଳ, ସୁରକ୍ଷିତ ଓ ସୁବ୍ୟବସ୍ଥିତ କରିବା ପାଇଁ

ସମସ୍ତ ବିଭାଗର  ସମନ୍ୱିତ ପ୍ରୟାସ ଜାରି ରହିଛି ବୋଲି ଶ୍ରୀ ଜେନା କହିଛନ୍ତି ।

***I &PR***

## ଶ୍ରାବଣ ମାସ- ଶୈବପୀଠରେ ସୁରକ୍ଷା

ଶ୍ରାବଣମାସ ଅବସରରେ ରାଜ୍ୟର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ, ସୁଗମ ଯାତାୟତ ଓ ଶୃଙ୍ଖଳିତ ଭିଡ ପରିଚାଳନା ପାଇଁ ଓଡିଶା ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ଶ୍ରାବଣ ମାସର ଚାରୋଟି ସୋମବାରରେ ୩୫ଟି ପୁଲିସ ଜିଲ୍ଲାର ୪୫୨ଟି ପ୍ରମୁଖ ଶୈବ ପୀଠରେ ୩୪ଲକ୍ଷରୁ ଅଧିକ ଭକ୍ତ ସୁରକ୍ଷିତ ଭାବେ ଦର୍ଶନ କରିଥିଲେ ।  ବିଭିନ୍ନ ଶୈବପୀଠରେ ଥିବା ନଦୀ ଓ ଅନ୍ୟାନ୍ୟ ଜଳପଥ ନିକଟରେ ମଧ୍ୟ ସୁରକ୍ଷାକୁ ସୁଦୃଢ କରାଯାଇଥିଲା ।

***Desk***

## ସାର

ରାଜ୍ୟରେ ସାର ଯୋଗାଣ ସ୍ୱାଭାବିକ ଚାଲିଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ବିଭାଗ ପକ୍ଷରୁ ୨ଲକ୍ଷ ୪୮ହଜାର ୬୭୬ଟନ୍ ସାର ଯୋଗାଇ ଦିଆଯାଇଛି ।  କୃଷି ବିଭାଗ ପକ୍ଷରୁ ଆଉ ୩ଲକ୍ଷ ୨୦ହଜାର ଟନ୍ ସାର ଯୋଗାଇ ଦିଆଯିବ । ବର୍ତ୍ତମାନ ୬୦ପ୍ରତିଶତ ସାର ସମବାୟ ବିଭାଗକୁ କୃଷି ବିଭାଗ ପକ୍ଷରୁ ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି । ସାର କଳାବଜାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଲଗାଣ

ବର୍ଷା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ବିଳମ୍ବ ହେଉଛି, ଚାଷୀଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ସହ ଆଗାମୀ ଦିନରେ ଆବଶ୍ୟକସ୍ଥଳେ ତାରିଖ ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

I & PR/KDP

## ବନ୍ୟା

ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବର୍ତ୍ତମାନ ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାର କେତେକ ଅଞ୍ଚଳ ବନ୍ୟା ପ୍ରଭାବିତ ହୋଇଛି । ଭଦ୍ରକ ଜିଲ୍ଲା ତିହିଡି ଓ ଚାନ୍ଦବାଲି ବ୍ଲକର ୭୦ଟି ଗ୍ରାମର ୭୫ହଜାର ୪୩୨ଜଣ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ଯାଜପୁର ଜିଲ୍ଲାର ୪୧ଟି ଗ୍ରାମର ୨୧ହଜାର ୧୦ଜଣ ଏବଂ କେନ୍ଦ୍ରାପଡା ଜିଲ୍ଲାର ୬୪ଟି ଗ୍ରାମର ୫ହଜାର ୪୭୫ଜଣ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି । ପ୍ରଭାବିତ ଅଞ୍ଚଳରେ ରିଲିଫ କାର୍ଯ୍ୟ ଜାରି ରହିଛି । ଅତ୍ୟଧିକ ବର୍ଷା ଯୋଗୁଁ ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର କେତେକ ଅଞ୍ଚଳ ମଧ୍ୟ ପ୍ରଭାବିତ ହୋଇଛି ।

କେନ୍ଦ୍ରାପଡା ଜିଲ୍ଲାର ଆଳି, ପଟ୍ଟାମୁଣ୍ଡାଇ, ରାଜକନିକା ବ୍ଲକର ଅନେକ ସ୍ଥାନ ଜଳମଗ୍ନ ରହିଥିବାବେଳେ ଜନସାଧାରଣଙ୍କ ଜୀବନଯାତ୍ରା ପ୍ରଭାବିତ ହୋଇଛି । ଜିଲ୍ଲାର ୬୧ଟି ଗ୍ରାମପଞ୍ଚାୟତ ୧୪୫ଟି ଗ୍ରାମ, ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ବନ୍ୟା ଦ୍ୱାରା ପ୍ରଭାବିତ

ହୋଇଛି । ଏପର୍ଯ୍ୟନ୍ତ ୬୫ଟି ଆଶ୍ରୟ କେନ୍ଦ୍ରରେ ୧୦ହଜାର ୫୫୩ଜଣଙ୍କୁ ସ୍ଥାନାନ୍ତରିତ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଜିଲ୍ଲା ପ୍ରଶାସନ ଗୁଡିକୁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବା, ତଳିଆ ଅଞ୍ଚଳରେ ଜଳବନ୍ଦୀ ଆଦି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ହ୍ରାସ ପାଉଥିବାରୁ ବନ୍ୟା ଆଶଙ୍କା ନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ଛତିଶଗଡ ଓ ଉପର ମୁଣ୍ଡରେ ବର୍ଷା ଯୋଗୁଁ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଉଛି । ଅନ୍ୟ ପକ୍ଷରେ ବନ୍ୟା ସ୍ଥିତିକୁ ଆତଙ୍କିତ ନ ହେବା ପାଇଁ ଶ୍ରୀ ରାଉତ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ଜଳସ୍ତର ଓ ପ୍ରବାହକୁ ଆକଳନ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ । ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରହ୍ମଣୀ ନଦୀରେ ବନ୍ୟାସ୍ଥିତି ନାହିଁ ବୋଲିଶ୍ରୀ ରାଉତ କହିଛନ୍ତି।

***Nayagada/***

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟାଳୟ

ନୟାଗଡ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟାଳୟକୁ ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ବିଧାୟ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାର ସାମଗ୍ରିକ ବିକାଶ, ଜନକଲ୍ୟାଣ ଓ ଆଦିବାସୀ ସମାଜର ସଶକ୍ତିକରଣ ଦିଗରେ ସ୍ୱତନ୍ତ୍ର ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ଦିଗରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି । କାର୍ଯ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମର

ଯୋଜନା ପ୍ରସ୍ତୁତି ଓ ଜିଲ୍ଲାର ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରୂପରେଖ ପ୍ରସ୍ତୁତ କରାଯିବ ।

***M.giri***

## ସଡକ ସୁରକ୍ଷା

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଡକ ସୁରକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ବୈଠକରେ ଅଧ୍ୟକ୍ଷତା କରି ସୁରକ୍ଷିତ, ସୁଗମ ଏବଂ ଶୃଙ୍ଖଳିତ ଯାତାୟତ ବ୍ୟବସ୍ଥା ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ । ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ଗୁଡିକରେ ବୃଦ୍ଧି ପାଉଥିବା ଦୁର୍ଘଟଣାକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଉଛି ।

***N.pur***

## ସଚେତନତା କର୍ମଶାଳା

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ସେମଲା ଗ୍ରାମପଞ୍ଚାୟତରେ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଏହାକୁ ଆଧାର କରି ଘଟୁଥିବା ହିଂସା ଓ ନିର୍ଯାତନା ବିରୁଦ୍ଧରେ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ସାମାଜିକ କୁପ୍ରଥାର ଭୟାବହ ପରିଣାମ ଉପରେ ଆଲୋଚନା କରାଯାଇଥିଲା । ଡାହାଣୀପ୍ରଥା ଏବଂ ଏ ସମ୍ପର୍କୀତ ଅପରାଧକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନ ପ୍ରଣୟନ କରାଯାଇଛି । ଅନ୍ଧବିଶ୍ୱାସ ଆଧାରିତ କୌଣସି ଘଟଣା ଘଟିଲେ

ତୁରନ୍ତ ପୁଲିସ ଓ ପ୍ରଶାସନର ସହାୟତା ନେବାକୁ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

***Desk***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଲଘୁଚାପ କ୍ଷେତ୍ର ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି । ଏହାର ପ୍ରଭାବରେ ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ଶନିବାରଦିନଠାରୁ ଉତ୍ତର ଓ ଉପକୂଳ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସନ୍ଧ୍ୟା ୬ଟା ସୁଦ୍ଧା ୬୨୨ଦଶମିକ ୯/୩ ଫୁଟ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୧୧ ହଜାର ୩୯୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୬ଟି ଗେଟ୍ ଦେଇ ୨ ଲକ୍ଷ ୮୯ ହଜାର ୨୯୯ ଘନଫୁଟ ଜଳ ନିଷ୍କାସିତ ହେଉଛି ।